# Akashvani, Sambalpur

## SAMBALPURI NEWS BULLETIN

### 13 September 2025 - 6.47- 6.52 am.

**********************************************

ଗଛ୍ ଲଗା        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ରାଜ୍ୟ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍ ତର୍‌ଫୁ ଆଏବା ୧୭ ତାରିଖ୍ ରାଏଜେ ୭୫ ଲାଖ୍ ଗଛ୍ ଜଗାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଏକ୍ ପେଡ୍ ମା କେ ନାମ୍ ର ଦୁଇ ନମ୍ବର୍ ଖେପେ ମା'ମାନ୍‌କୁ ସମ୍ମାନ୍ ଜନେଇକରି ଗୁଟେ ଲେଖା ଗଛ୍ ଲଗାବାର୍‌କେ ରାଜ୍ୟବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ଗଛ୍ ଜଗେଇକରି ତାର୍ ସାଙ୍ଗେ ଗୁଟେ ସେଲ୍‌ଫି 'ମେରି ଲାଇଫ୍' ପୋର୍ଟାଲ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ସାଧାରଣ୍ ଲୁକ୍‌କୁ ଆହ୍ୱାନ୍ ଦିଆଯାଇଛେ ।

ଜାତୀୟ ମେଡ଼ିଏସନ୍ କର୍ମଶାଳା          I&PR

ମଧ୍ୟସ୍ଥତା ଜରିଏ ଭିନ୍ ଭିନ୍ ମକଦ୍ଦମାର୍ ସମାଧାନ୍ ଲାଗି ଆଏବା ୨୮ ତାରିଖ୍ ଭୁବ୍‌ନେଶ୍ୱର୍ ନ ୨ ନମ୍ବର୍ ଜାତୀୟ ମେଡ଼ିଏସନ୍ କର୍ମଶାଳା

ହେବା । କର୍ମଶାଳାରେ ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇଙ୍କର୍ ସହେତେ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟ ବିଚାର୍‌ପତି, ବିଚାର୍‌ପତି, ଏଡ୍‌ଭୋକେଟ୍ ଜେନେରାଲ୍, ଆଇନ୍ ବିଭାଗ୍ ସଚିବଙ୍କର୍ ସହେତେ ଭିନ୍ ଭିନ୍ ଅନୁଷ୍ଠାନ୍‌ର ପ୍ରତିନିଧି ମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।  କର୍ମଶାଳାର୍ ସଫଲ୍ ଆୟୋଜନ୍ ଲାଗି ଗଲାକାଏଲ୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧକ୍ଷତାରେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ ।

ସମ୍ବଲପୁର୍ ବିଶ୍ୱବିଦ୍ୟାଳୟ,ଭିସୁଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ୩୫ ନମ୍ବର୍ ଆର୍ ଭିସୁଟ୍‌ର ୧୬ ନମ୍ବର୍ ସମାବର୍ତନ୍ ଉତ୍ସବ୍ ଆଏଜ୍ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ରେ କୁଳାଧିପତି ଆଉ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେବେ । ସଖାଲେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଆର୍ ଉପର୍‌ବେଲା ଭିସୁଟ୍ ନ ସମାବର୍ତନ୍ ଉତ୍ସବ୍ ହେବା । କାର୍ଯ୍ୟକ୍ରମ୍‌ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ ଆର୍ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ୍ ଦେବେ ।

## ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ       I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଅନିବାର୍ଯ୍ୟ କାରଣ୍ ଲାଗି ନାଇଁ ହୁଏ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ଜିଏସ୍‌ଟି ସଂସ୍କାର୍ ସମ୍ମିଲନୀ         ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଚାମ୍ବର୍ସ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ତର୍‌ଫୁ ସହରର୍ ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ଜିଏସ୍‌ଟି ସଂସ୍କାର୍-୨୦୨୫ ସମ୍ମିଲନୀର୍ ଆୟୋଜନ୍ କରାଯାଇଛେ । 'ଆଏବା ପିଢ଼ିର୍ ଜିଏସ୍‌ଟି ଆପଣ୍‌କର୍ ଲାଗି' ଶୀର୍ଷକ୍‌ଥି ହେଇଥିବା ସମ୍ମିଲନୀଥି ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଜିଏସ୍‌ଟି ସଂସ୍କାର୍ ଉତ୍‌ରୁ ବହୁତ୍‌ଟେ କ୍ଷେତ୍ରଥି ଦର୍ କମ୍‌ବାର୍ ସହେତେ ପରିବର୍ତନ୍ ଆଉ ଅଭିବୃଦ୍ଧି ହେବା ବଲି କହିଛନ୍ । ୨୦୧୭ ମସିହାନୁ ଜିଏସ୍‌ଟି ଲାଗୁ ହେବାର୍ ଉତ୍‌ରୁ ବଛର୍‌କ ୭ ଲାଖ୍ କୋଟି ଟେକ୍ସ ଆସୁଥିବାର୍ ବେଲେ ଇହାଦେ

ସେଟା ବଢ଼ିକରି ୨୨ ଲାଖ୍ କୋଟି ଟଙ୍କାଥି ପୁହୁଁଚିଛେ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।
(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଭାରତୀୟ ଆଂଚଲିକ୍ ସମ୍ମିଲନୀ I&PR

କର୍ଣ୍ଣାଟକ୍‌ର ବେଙ୍ଗଲୋର୍ ଠାନେ ହେଇଥିବା ୧୧ ନମ୍ବର୍ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଂଚଲିକ୍ ସମ୍ମିଲନୀଥି ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେଇକରି ବିଧାନ୍‌ସଭା ଗୃହ ନ ବିତର୍କ ଆଉ ଆଲୋଚନା ସାଧାରଣ୍ ଲୁକଙ୍କର୍ ଆସ୍ଥା ଆଉ ବିଶ୍ୱାସ୍ ଭାଜନ୍‌ଥି ସହାୟକ ଶୀର୍ଷକ୍ ଆଲୋଚନାଥି ଭାଗ୍ ନେଇକରି ନିଜର୍ ବକ୍ତବ୍ୟ ଉପସ୍ଥାପନ୍ କରିଛନ୍ । ଗଲା ୧୧ ତାରିଖ୍‌ନୁ ମୁଲ୍ ହେଇଥିବା ଇ ସମ୍ମିଲନୀଥି ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ଅଧକ୍ଷତା କର୍‌ବାର୍ ସହେତେ ୫ ଟା ରାଜ୍ୟର୍ ବାଚସ୍ପତିଙ୍କୁ ମନୋନୀତ୍ କରିଥିଲେ । ସେଥିର୍‌ଭିତ୍‌ରୁ ଓଡ଼ିଶାର୍ ବାଚସ୍ପତି ଶ୍ରୀମତୀ ପାଢ଼ୀ ଠାନ୍ ପାଏବାର୍‌ଟା ରାଜ୍ୟର୍ ଲାଗି ଗୌରବ୍‌ର ବିଷେ ଆଏ ।

ସ୍ୱଚ୍ଛତା ହିଁ ସେବା-୨୦୨୫ I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ସବୁ ସହରାଂଚଲ୍, ସ୍ଥାନୀୟ ସଂସ୍ଥା, ୟୁଏଲ୍‌ବି ମାନ୍‌କୁ ସ୍ୱଚ୍ଛୋତ୍ସବ ଭାବ୍‌ନା ସହେତେ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ୨ ତାରିଖ୍ ୧୫ ଦିନ୍‌ତକ୍ ସ୍ୱଚ୍ଛତା ହିଁ ସେବା -୨୦୨୫ ଅଭିଯାନ୍‌କେ ସକ୍ରିୟ ଭାବେ ପାଲନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛେ । ୧୭ ତାରିଖ୍‌ନୁ ଇ ଅଭିଯାନ୍ ସାରା ଦେଶେ ମୁଲ୍ ହେଇକରି ନାଗରିକ୍ ଅଂଶଗ୍ରହଣ୍‌କେ ତହଁକାବାର୍ ଲାଗି ବହୁତ୍‌ଟେ କାର୍ଯ୍ୟକ୍ରମ୍ କରାଯିବା । ଇ ଅଭିଯାନ୍‌ଥି ସେପ୍ଟେମ୍ବର୍ ୨୫ ସଖାଲର୍ ୮ ବଜେ 'ଏକ୍ ଦିନ୍ ଏକ୍ ଘଂଟା ଏକ୍ ସାଥ୍' କାର୍ଯ୍ୟକ୍ରମ୍ ଜରିଏ ସାରା ଦେଶେ ନାଗରିକ୍‌ମାନେ ଗୁଟେ ଘଂଟା ଶ୍ରମଦାନ୍ କର୍‌ବେ ।

ପିଏମ୍ କିଷାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାନୁ ବାଦ୍ ପଡ଼ିଥିବା ଚାଷୀମାନ୍‌କର୍ ଇ କେଓ୍ୱାଇସି ସମିଆକେ ରାଜ୍ୟ ସର୍‌କାର୍ ଆଉ ୬ ମାସ୍ ବଢ଼େଇଛନ୍ । ଗଲା ୮ ତାରିଖ୍ ଇ ସମିଆ ଶେଷ୍ ହେଇଥିବାର୍ ବେଲେ ଇତାକେ ଆଉ ୬ ମାସ୍ ବଢ଼ାଯାଇଛେ । ସେନ୍ତା ସିଏମ୍ କିଷାନ୍ ପାଉଥିବା ହିତାଧିକାରୀ ପିଏମ୍ କିଷାନ୍‌ଥି କେଓ୍ୱାଇସି ଅପ୍‌ଡେଟ୍ କରିକରି ସାମିଲ୍ ହେଇପାର୍‌ବେ ।

ସମଲେଇ ମନ୍ଦିର୍- ଷୋଡ଼ଶ ଉପଚାର୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୪ ତାରିଖ୍ ରଏବାର୍ ଦିନୁ ସମ୍ବଲ୍‌ପୁର୍ ମା ସମଲେଶ୍ୱରୀଙ୍କର୍ ପୀଠ ନ ଷୋଡ଼ଶ ଉପଚାର୍ ପୂଜା ମୁଲ୍ ହେବା । ୨୧ ତାରିଖ୍ ଦିନ ମହାଳୟା ଅବ୍‌ସରେ ମା ସମଲେଶ୍ୱରୀ ଧବଲ୍‌ମୁଖୀ ବେଶ୍‌ଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ୨୨ ତାରିଖ୍ ନୁ ମନ୍ଦିର୍ ନ ନବରାତ୍ରୀ ପୂଜା ମୁଲ୍ ହେବା ।

ପାଣିପାଗ୍     ଆର୍‌ଏନ୍‌ୟୁ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଇଲାକା ଆଉ ତାର୍ ପାଖର୍ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଉତର୍ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ସମୁଦ୍ର ଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍‌କେ ନେଇକରି ରାଜ୍ୟର୍ ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।